*ଉପଦେଷ୍ଟାଙ୍କ କଲମରୁ....*

# 'ସମଦୃଷ୍ଟି'ର ଯାତ୍ରା ଓ ନେତୃତ୍ୱ

ଦୀର୍ଘ ୨୧ବର୍ଷ ଧରି ଆପଣମାନଙ୍କ ଶ୍ରଦ୍ଧା, ଶୁଭେଚ୍ଛା ଓ ସହଯୋଗକୁ ଭିତ୍ତିକରି ଏବଂ ଆମ ପ୍ରିୟ ଓ ସମ୍ମାନାସ୍ପଦ ଲେଖକମାନଙ୍କ ଅବଦାନକୁ ପୁଞ୍ଜି କରି ୨୧ବର୍ଷ ଧରି ଏକ ସଂଘର୍ଷ ଭିତରେ ଆମେ ଏହି ପାକ୍ଷିକ ସମ୍ବାଦ ପତ୍ରିକା ପ୍ରକାଶନ ଜାରି ରଖିପାରିଛୁ। ସେଥିପାଇଁ ଆପଣମାନଙ୍କ ପାଖରେ ଆମେ କୃତଜ୍ଞ ଏବଂ ଆଶା ଓ ଅନୁରୋଧ କରିବିଯେ ଆପଣ ଆମ ସହିତ ସବୁବେଳେ ଯେମିତି ଅନ୍ତରଙ୍ଗ ଭାବେ ସାଥିହୋଇ ରହିବେ। ପତ୍ରିକାଟି ଆରମ୍ଭ କରିବା ପାଇଁ ସମସାମୟିକ ପରିସ୍ଥିତି, ଜନଆନ୍ଦୋଳନ ମାନଙ୍କର ଆବଶ୍ୟକତା, ମୁଖ୍ୟସ୍ରୋତର ଗଣମାଧ୍ୟମମାନଙ୍କର ମାତ୍ରାଧିକ କର୍ପୋରେଟ୍ ପ୍ରୀତି ଏବଂ ଜନଗଣଙ୍କ ପାଖରେ ଉପଯୁକ୍ତ ତଥ୍ୟ ସମ୍ବାଦ ଓ ସତକଥା ନ ପହଞ୍ଚି ପାରିବା ଭଳି ଏକ ଅବସ୍ଥା ମିଳିତ ଭାବେ ପୃଷ୍ଠଭୂମି ଯୋଗାଇଥିଲା। ପତ୍ରିକା ପ୍ରକାଶନର ପରିକଳ୍ପନାରେ ବନ୍ଧୁ ଭାସ୍କର ପରିଚ୍ଛାଙ୍କର ସହଯୋଗ ଥିଲା। ପ୍ରକାଶନ ପାଇଁ ପ୍ରେରଣା ଓ ପ୍ରଥମ ଆର୍ôଥିକ ସହଯୋଗ ଆସିଥିଲା ପ୍ରାଧ୍ୟାପିକା ଡଃ. ଚିତ୍ରା ପଟ୍ଟନାୟକ ଏବଂ ଆମ ଗହଣରୁ ଚାଲି ଯାଇଥିବା ଚିନ୍ତକ, ସାମାଜିକ କର୍ମୀ ତଥା ଗାନ୍ଧୀବାଦୀ ପ୍ରାଧ୍ୟାପକ ଭାଗବତ ପ୍ରସାଦ ରଥଙ୍କ ପାଖରୁ। କାହାଣୀ ବେଶ୍ ଲମ୍ବା, ସବୁକଥା କହିହେବ ନାହିଁ। କିଛିକଥା ପୂର୍ବ ସଂଖ୍ୟାର ସମ୍ପାଦକୀୟରେ ମଧ୍ୟ କୁହାଯାଇଛି। ପତ୍ରିକାଟିକୁ ଜନଗଣଙ୍କ ପାଖରେ ପହଞ୍ଚାଇବା ଆମପାଇଁ ଏକ ବଡ଼ ଅହ୍ୱାନ ଥିଲା। ଆମେ କୌଣସି ଆନୁଷ୍ଠାନିକ ସହଯୋଗ କାହାପାଖରୁ ନେବୁ ନାହିଁ ଏବଂ କର୍ପୋରେଟ ବିଜ୍ଞାପନ ଗ୍ରହଣ କରିବୁ ନାହିଁ, ଏଭଳି ଏକ ନିଷ୍ପତ୍ତି ନେଇଥିଲୁ ଯାହା ଏଯାବତ୍ ବଳବତ୍ତର ରହିଛି। କିନ୍ତୁ ଛପା ମୂଲ୍ୟରେ ପତ୍ରିକାର ପ୍ରତିଟି ସଂଖ୍ୟାର ମୂଲ୍ୟ ରଖିବାପାଇଁ ଆମେ ପ୍ରଥମେ ବାଧ ହୋଇଥିଲୁ ଯେହେତୁ ପତ୍ରିକାଟିର ମୂଲ୍ୟ ଅଧିକ ରହିଲେ ଅନେକ ଯୋଗ୍ୟ ପାଠକ ପଢ଼ିବାରୁ ବଞ୍ଚିତ ହେବେ, ଏହି ଆଶଙ୍କା ଆମ ମନରେ ଥିଲା। ଯଦି ଉତ୍ପାଦନ ମୂଲ୍ୟରେ ପତ୍ରିକା ବିକ୍ରି କରାଯାଏ, ତେବେ ଓଡ଼ିଆ ପାଠକ ମାନଙ୍କର ଅଭ୍ୟାସର ଇତିହାସଟିକୁ ପରଖିଲେ ଜଣା ପଡ଼ିଯାଏ ଯେ ଅପେକ୍ଷାକୃତ ସ୍ୱଚ୍ଛଳ ପାଠକ ବି ପତ୍ରିକା କିଣିବେ ନାହିଁ, ସେଥିପାଇଁ ଆମେ ଉତ୍ପାଦନ ମୂଲ୍ୟକୁ ବାଦ ଦେଇ ନିଅଣ୍ଟିଆ ପରିସ୍ଥିତି ସତ୍ତ୍ୱେ ଛାପା ମୂଲ୍ୟରେ ହିଁ ପତ୍ରିକା ବିକ୍ରି କରିଆସିଛୁ। ଏହି ନିଅଣ୍ଟର ଭରଣା ଆରମ୍ଭରୁ ଆଜିଯାଏଁ କିଛି ବନ୍ଧୁ ଓ ଶୁଭେଚ୍ଛୁ ନିଜ ବ୍ୟକ୍ତିଗତ ଆୟରୁ କିଛି ସହଯୋଗ ଦେଇ ପରିସ୍ଥିତିକୁ ସହଜ କରିଆସିଛନ୍ତି। ତେବେ ଅଧିକସଂଖ୍ୟକ ଅଞ୍ଚଳରେ ପତ୍ରିକା କେମିତି ପହଞ୍ଚିବ, ତାହା ଆମ ପାଇଁ ଏକ ଅହ୍ୱାନ ଥିଲା। ଆମେ ସହଯୋଗର ଗୋଟିଏ ରାସ୍ତା ଅନୁଷ୍ଠାନମାନଙ୍କ ପାଇଁ ମଧ୍ୟ ଉନ୍ମୁକ୍ତ ରଖିଆସିଛୁ। ଯେଉଁମାନେ ଅଧିକ ସଂଖ୍ୟାରେ ଦୁର୍ବଳ ଆର୍ôଥିକ ସ୍ଥିତିରେ ଥିବା ଯୋଗ୍ୟ ପାଠକମାନଙ୍କ ପାଇଁ ଗ୍ରାହକ ପାଉଣା ପଇଠ କରି ସେମାନଙ୍କ ପାଖକୁ ପତ୍ରିକାର କପି ପହଞ୍ଚାଇବା ପାଇଁ ଆଗ୍ରହୀ ହେବେ, ଆମେ ସେମାନଙ୍କୁ ସମ୍ମାନର ସହ ସ୍ୱାଗତ କରିବୁ। ଯେହେତୁ ଆମର ଡାକ ପଞ୍ଜିକରଣ ଅଛି ଆମେ ରାଜ୍ୟଭିତରେ ଯେକୌଣସି ଅତିଥି ଗ୍ରାହକମାନଙ୍କ ପାଖକୁ ପତ୍ରିକା ପହଞ୍ଚାଇବାର ବନ୍ଦୋବସ୍ତ କରିପାରିବୁ। ଏହି ପ୍ରକ୍ରିୟାରେ ପ୍ରଥମେ ଅତିଥି ଗ୍ରାହକ ସୃଷ୍ଟି କରିଥିଲେ ବନ୍ଧୁ ଅମର କନ୍ୱରଙ୍କ ମାଧ୍ୟମରେ ପ୍ରଖ୍ୟାତ ଲେଖିକା ଅରୁନ୍ଧତୀ ରାୟ ଏବଂ ତାଙ୍କ ପୁସ୍ତକ ପୁରସ୍କାର ପାଣ୍ଠିକୁ ନେଇ ସୃଷ୍ଟି ହୋଇଥିବା ଜିନ୍ଦାବାଦ୍ ଟ୍ରଷ୍ଟ। ତାହାର ଦୁଇବର୍ଷ ପରେ ବନ୍ଧୁ ଅମରଙ୍କ ମାଧ୍ୟମରେ ଆଉ ଦୁଇଟି ସଂସ୍ଥା ମଧ୍ୟ ଅତିଥି ଗ୍ରାହକ ସୃଷ୍ଟି କରିବାରେ ସହଯୋଗ କରିଥିଲେ। ସେମାନେ ଥିଲେ ଜାତୀୟ ଡାଏରୀ ଡେଭଲପମେଣ୍ଟ ବୋର୍ଡ଼ (ଏନ୍.ଡ଼ି.ଡ଼ି.ବି) ସହିତ ସଂପୃକ୍ତ ଏଫ୍.ଇ.ଏସ୍ ସଂସ୍ଥା ଓ ଦୁଲ୍ଲୀପ୍ ମାଥାଇ ପ୍ରକୃତି ସଂରକ୍ଷଣ ସଂସ୍ଥା। ଓଡ଼ିଶାର କିଛି ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ଅତିଥି ଗ୍ରାହକ ସୃଷ୍ଟି କରିଥିଲେ। କିନ୍ତୁ ଗତ ୧୪ବର୍ଷ ଧରି 'ସମଦୃଷ୍ଟି' ପାଇଁ ଅତିଥି ଗ୍ରାହକ ସୃଷ୍ଟି କରିବାର ବ୍ୟବସ୍ଥାଟିକୁ ଆମେ ନିଜଆଡ଼ୁ ବନ୍ଦ କରିଦେଇଛୁ। ଏହାର ଅନ୍ୟ ଏକ କାରଣ ହେଉଛି ଯେ ଏଥିରେ ଅଧିକ ଗ୍ରାହକ ସୃଷ୍ଟି ହୋଇପାରିଲା ନାହିଁ ଏବଂ ଯଦିଓ ସହଯୋଗର ଭ୍ରମଟିଏ ସୃଷ୍ଟି ହେଲା କିନ୍ତୁ ଛାପାମୂଲ୍ୟ ଓ ଉତ୍ପାଦନ ମୂଲ୍ୟ ଭିତରେ ଥିବା ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିଲା ନାହିଁ। ସେଥିପାଇଁ ଆମେ ପ୍ରଥମ ଦିନରୁ ଆମକୁ ଅଧିକ ସହଯୋଗ କରିଆସିଥିବା ବନ୍ଧୁ ମାନଙ୍କ ଉପରେ ଅଧିକ ଆଶା ରଖିଲୁ ଏବଂ ନୂଆ ବନ୍ଧୁ ସୃଷ୍ଟି କରିବାପାଇଁ ଅଧିକ ଧ୍ୟାନ ଦେଲୁ, ଯେଉଁମାନେ ଗ୍ରାହକ ପାଉଣା ସହିତ ଢେର ଅଧିକ ସହଯୋଗ ଆମକୁ ଯୋଗାଇ ଆସିଲେ। ୧ଶହରୁ ଊର୍ଦ୍ଧ୍ୱ ଏହିଭଳି ବନ୍ଧୁ ଓ

ସହଯୋଗୀମାନଙ୍କ ନାମ ଏଠି ନେବା ସହଜ ନୁହଁ କିନ୍ତୁ ଯେଉଁମାନେ ଧାରାବାହିକତା ରକ୍ଷାକରି ସବୁବେଳେ ସହଯୋଗ କରିଆସିଛନ୍ତି , ସେମାନଙ୍କ ଭିତରୁ କିଛି ନାମ ସହିତ ପାଠକେ ପରିଚିତ ଥିବେ ନିଶ୍ଚୟ। ସବୁଠାରୁ ଆଗରେ ଅଛନ୍ତି ଶ୍ରୀ ଜି.ଭି ଭେନୁଗୋପାଳ ଶର୍ମା, ଶ୍ରୀ ଅମର କନ୍‌ୱର, ଡ଼ଃ ଅସିମ୍ ଶ୍ରୀବାସ୍ତବ, ନିରା ସିଂହ, କୁନ୍ଦନ କୁମାର, ପ୍ରଫେସର ସ୍ୱାଧିନାନନ୍ଦ ପଟ୍ଟନାୟକ ଓ ଡ଼ଃ ସୁମିତ୍ରା ପଟେଲ୍, ପ୍ରଫେସର ବୀରେନ୍ଦ୍ର ନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି ଓ ଡ଼ଃ ବିଦ୍ୟୁତ୍ ମହାନ୍ତି, ପ୍ରଫେସର ନୀଳମଣି ସାହୁ, ପ୍ରଫେସର ଊଷାରାଣୀ ଆଚାର୍ଯ୍ୟ ଓ ଶ୍ରୀ ପ୍ରଫୁଲ୍ଲ ସାମନ୍ତରା, ଶ୍ରୀ ନଟବର ଷଡ଼ଙ୍ଗୀ, ପ୍ରଫେସର ବାଣୀକାନ୍ତ ମିଶ୍ର, ପ୍ରଫେସର ଡ଼ି.ଭି ରମନ୍ନା, ପ୍ରଫେସର ହରିବନ୍ଧୁ ପଣ୍ଡା ଓ ଡ଼ଃ ସ୍ମିତା ମିଶ୍ର ପଣ୍ଡା, ଡ଼ଃ ବିଧୁପ୍ରଭା ରଥ, ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍‌ଗୋ, ଶ୍ରୀ ସୁବାସ ସାହୁ, ଶ୍ରୀ ଶୈଳେନ୍ଦ୍ର କୁମାର ଛାଟୋଇ, ଶ୍ରୀ ଶରତ ପଟ୍ଟନାୟକ, ଡ଼ଃ ଚିତ୍ରା ପଟ୍ଟନାୟକ, ଶ୍ରୀ ମହମ୍ମଦ ଅମିନ୍, ଶ୍ରୀ ଧୀରେନ୍ଦ୍ର ପଣ୍ଡା, ଶ୍ରୀ ପ୍ରଶାନ୍ତ ମହାନ୍ତି ଇତ୍ୟାଦି। ଏବେ ଏହି ଗୋଷ୍ଠିରେ ସାମିଲ୍ ହୋଇଛନ୍ତି ଡ଼ଃ ସ୍ମିତି ଶିଖା ପ୍ରଧାନ। ମଝିରେ ମଝିରେ ଆମ ପାଖକୁ ଆମର କିଛି ପ୍ରିୟ ପାଠକ ନିଜ ଆଡୁ ସହଯୋଗ ବଢ଼ାଇବା ଆମକୁ ଅଧିକ ଉତ୍ସାହିତ କରିଥାଏ। ଆମର ପ୍ରିୟ ପାଠକ ଓ ଶୁଭେଚ୍ଛୁମାନଙ୍କୁ ଏଠି ପୁନଶ୍ଚ ପ୍ରତିଶୃତି ଦିଆଯାଇ ପାରେ ଯେ ଆମେ କର୍ପୋରେଟ୍ ପୁଞ୍ଜି ଏବଂ ଆନୁଷ୍ଠାନିକ ସହଯୋଗ ଊର୍ଦ୍ଧ୍ୱରେ ସବୁବେଳେ ରହିବାପାଇଁ ପ୍ରୟାସ ଜାରି ରଖିଥିବୁ। ତେବେ ସହଯୋଗ ଆପଣଙ୍କ ଆଡୁ ଅଧିକ ଆସିଲେ ସେହି ପ୍ରୟାସଟି କେବେ ବି ବିଫଳ ହେବ ନାହିଁ।

'ସମଦୃଷ୍ଟି'ର ଲେଖକମାନେ ଏଯାବତ୍ ପତ୍ରିକାଟିକୁ ଆଗକୁ ନେଇ ଆସିଛନ୍ତି। ମୋ ନିଜର ଭୂମିକାଟି ଅତି ଗୌଣ କହିଲେ ଚଳେ। ସମ୍ପାଦନାର ସମସ୍ତ ଶ୍ରେୟ ଯିବ ମୋ ସାଥି ଶ୍ରୀ ବିଘ୍ନେଶ୍ୱର ସାହୁଙ୍କୁ। ଗତ ୨୧ବର୍ଷ ଧରି ନିଷ୍ଠା ଏବଂ ପ୍ରତିବଦ୍ଧତା ସହିତ ସେ 'ସମଦୃଷ୍ଟି'କୁ ଏତେବାଟ ଆଣିବାରେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ମାସ ମାସ ଏବଂ ବର୍ଷ ବର୍ଷ ଧରି କିଛି ବି ପାଉଣା ନ ମିଳିଲେ ବି ବିଘ୍ନେଶ୍ୱରଙ୍କର କୌଣସି ଅଭିଯୋଗ ନଥାଏ। କେବଳ ଗୋଟିଏ ଚିନ୍ତା ଥାଏ ପତ୍ରିକାଟି ନିର୍ଦ୍ଧାରିତ ସମୟରେ କେମିତି ପ୍ରକାଶିତ ହେବ। ମୁଖ୍ୟସ୍ରୋତର ଗଣମାଧ୍ୟମରେ କାମ କରିବା ଏବଂ ସେ ଭିତରେ ତୁହାକୁ ତୁହା ସ୍ଥାନ ପରିବର୍ତ୍ତନ କରିବା କଥା ସମସ୍ତେ ମୋତେ କହିଛନ୍ତି। କିନ୍ତୁ ବିଘ୍ନେଶ୍ୱର ଗତ ୨୧ବର୍ଷ ଧରି କୌଣସି ଆର୍ଥିକ ସୁବିଧା ନଥାଇ ବା ମିଳିବାର ପ୍ରତିଶୃତି ନଥାଇ ବି 'ସମଦୃଷ୍ଟି'କୁ ନିଜର ଏକ ଖବରକାଗଜ କରି ଯାତ୍ରା ଜାରି ରଖିଛନ୍ତି। ସେହି ଦୃଷ୍ଟିରୁ ଏହି ପତ୍ରିକାର 'ସମ୍ପାଦକ' ଦାୟିତ୍ୱ ତୁଲାଇବା ପାଇଁ ସେ ସବୁଠାରୁ ଯୋଗ୍ୟ ବ୍ୟକ୍ତି ବୋଲି ମୁଁ ଅନୁଭବ କରେ। ମୁଁ ଖୁସି ଯେ ସେ ଏହି ଦାୟିତ୍ୱ ଗ୍ରହଣ କରିବା ପାଇଁ ଶେଷରେ ରାଜି ହୋଇଛନ୍ତି। ତାଙ୍କୁ ସବୁକାମରେ ସହଯୋଗ କରିବେ ଶ୍ରୀ ଶିବାଶୀଷ ରାୟ ଯେ କି 'ସହ-ସମ୍ପାଦକ' ଦାୟିତ୍ୱ ତୁଲାଇବେ। ସହ ପରିଚାଳକ ଭାବେ ଏମାନଙ୍କୁ ସହଯୋଗ କରିବେ ଶ୍ରୀ ଶୁଭ ପ୍ରସାଦ ପରିଡ଼ା। ଆଞ୍ଚଳିକ ସ୍ତରରେ କେଉଁ ପ୍ରତିନିଧିମାନେ ଏହି ଦଳକୁ ସହଯୋଗ କରିବେ, ସେ ନିଷ୍ପତ୍ତି ସମ୍ପାଦକ ବିଘ୍ନେଶ୍ୱର ସାହୁ ନିଜେ ନେବେ। ଉପଦେଷ୍ଟା ଭାବରେ ନୁହଁ ବରଂ ଜଣେ ସହଯୋଗୀ ହିସାବରେ ମୁଁ ସମସ୍ତଙ୍କୁ ସାହାଯ୍ୟ କରିବି। ବିଘ୍ନେଶ୍ୱରଙ୍କ ନେତୃତ୍ୱରେ ପରିଚାଳିତ ହେବାକୁ ଥିବା ଏହି ଦଳଟିକୁ ଆମର ପ୍ରିୟ ପାଠକ, ଲେଖକ ଓ ଶୁଭେଚ୍ଛୁମାନେ ହୃଦୟର ସହିତ ସହଯୋଗ କରିବା ପାଇଁ ମୋର ବିନମ୍ର ଅନୁରୋଧ। କିଛି ଅଧିକ ସହଯୋଗ କଲେ ଏହି ଦଳଟି ଚାପ ଭିତରେ ନ ରହି ସମ୍ପାଦକୀୟ ସ୍ୱାୟତତ୍ତାକୁ ଦୃଢ଼ଭାବେ ସୁରକ୍ଷା ଯୋଗାଇ ପାରିବେ। ଆସନ୍ତୁ ଆମେ ସମସ୍ତେ ଏହି ପରିବର୍ତ୍ତନଟିକୁ ନୂଆବର୍ଷର ଆଗମନ ସହିତ ସ୍ୱାଗତ କରିବା ଓ ଅନ୍ତରଙ୍ଗ ଭାବେ ସହଯୋଗ କରିବା।